## ବିଧାୟିକାଙ୍କ ଭିତ୍ତିପ୍ରସ୍ତର ସ୍ଥାପନ

ଆସିକା,(ଡି.ଏନ.ଏ.): ଆସିକା ସରକାରୀ ଡାକ୍ତରଖାନା ପରିସରରେ ସୋମବାର ଡାକ୍ତରଖାନା କର୍ମଚାରୀଙ୍କ ନୂତନ ବାସଗୃହ ନିମନ୍ତେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୫୫ ଲକ୍ଷ ଟଙ୍କା ବ୍ୟୟରେ ଏହି ବାସଗୃହ ନିର୍ମାଣ ହେବ । ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ନଚିକେତା ସ୍ୱାଇଁ, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ଭଗବାନ ସାହୁ, ବସନ୍ତ ମହାନ୍ତି, ଭଗବାନ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

### ଆଜି କ'ଣ କେଉଁଠି

ଭଞ୍ଜନଗର

- ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ସଭା ସ୍ଥାନ: ସାଇ ଗୁରୁକୁଳ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା ।

### ସଂକ୍ଷେପରେ

## ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପରୀକ୍ଷା ଘୁଞ୍ଚିଲା

**ବ୍ରହ୍ମପୁର ଅଫିସ,୧୨।୪:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଇଣ୍ଟରନାଲ ପରୀକ୍ଷା ଚଳିତ ମାସ ୫, ୬ ଓ ୭ ତାରିଖ ୩ ଦିନ ଧରି ହେବାକୁ ଥିଲା। କିନ୍ତୁ ଗତ ଶୁକ୍ରବାର ବିଭାଗ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ କରୋନା ଯୋଗୁ ଠିକ୍‌ଭାବେ ପାଠପଢ଼ା ହୋଇ ନ ଥିବା ଦର୍ଶାଇ ସ୍ନାତକୋତ୍ତର ପରିଷଦ ଅଧକ୍ଷାଙ୍କ ନିକଟରେ ପରୀକ୍ଷା ଘୁଞ୍ଚାଇବା ଲାଗି ଲିଖିତ ଆକାରରେ ଦାବି କରିଥିଲେ। ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ବୁଝି ଅଧକ୍ଷା ଅରୁନ୍ଧତୀ ରଥ ପରୀକ୍ଷା ତାରିଖ ଆସନ୍ତା ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ କରିବା ନେଇ ନୂତନ ବିଜ୍ଞପ୍ତି ପ୍ରକାଶ ପ୍ରକାଶ କରିଛନ୍ତି ।

## କିରୋସିନ ଢାଳି ଛାତ୍ରୀଙ୍କ ଆତ୍ମହତ୍ୟା

**ଗୋପାଳପୁର,୧୨।୪:** ଗୋଳନ୍ଥରା ଥାନା ଅଞ୍ଚଳରେ ସୋମବାର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ କୌଣସି ବିଷୟକୁ ନେଇ ସବୁବେଳେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ସକାଳେ ତାଙ୍କ ମା' କାମ କରିବାକୁ ବାହାରକୁ ଯାଇଥିଲେ। ଅନପଟେ ସାନ ଭଉଣୀ ଓ ଭାଇ ଗ୍ରାମରେ ଥିବା ଆଈଙ୍କ ଘରକୁ ଚାଲି ଯାଇଥିଲେ। ମଧାହ୍ନରେ ଘରେ କେହି ନ ଥିବାର ସୁଯୋଗ ନେଇ ଦେହରେ କିରୋସିନ ଢାଳି ନିଆଁ ଲଗାଇଥିଲେ। ଖବର ପାଇ ଆଈ ଓ ମା' ପହଞ୍ଚି ଝିଅକୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମା'ଙ୍କ ଏତଲା କ୍ରମେ ପୋଲିସ ନଂ. ୧୨/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି।

## ଖମାରରେ ହେବ ୧୦୦ ଶଯ୍ୟାର କ୍ୱାରାଣ୍ଟାଇନ୍ ସେଣ୍ଟର

**ଶେରଗଡ଼,୧୨।୪(ଡି.ଏନ.ଏ.):** କରୋନାରେ ଦ୍ୱିତୀୟ ଲହର ବୃଦ୍ଧି ପାଉଥିବାରୁ ଶେରଗଡ଼ ବ୍ଲକ ଖମାର ଗ୍ରାମସ୍ଥିତ କସ୍ତୁରବା ବାଳିକା ଆବାସିକ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ୍ ସେଣ୍ଟର କରିବା ପାଇଁ ବ୍ଲକ ପ୍ରଶାସନ ନିଷ୍ପତ୍ତି ନେଇଛି। ବିଡିଓ ପତ୍ର ସଂଖ୍ୟା ୧୦୮୯/୯।୪।୨୧ ପ୍ରକାରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଉକ୍ତ କେନ୍ଦ୍ରରେ ନୋଡାଲ ଅଧିକାରୀ ଭାବେ ଗ୍ରାମସେବକ ଜି.ରବିକୁମାରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ମହୁପଦର ସରପଞ୍ଚ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଆନୁଷଙ୍ଗିକ ଦାୟିତ୍ୱ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି । ମେରୁଯାତ୍ରା ଆଗକୁ ଥିବା ବେଳେ ବିଭିନ୍ନ ରାଜ୍ୟରୁ ଲୋକମାନେ ବ୍ଲକର ବିଭିନ୍ନ ଗ୍ରାମକୁ ଆସିବେ। ଯେଉଁମାନଙ୍କ ଟିକାକରଣ କରିଥିବାର ପ୍ରମାଣ ପାତ୍ର ଥିବ ସେମାନେ ଗ୍ରାମରେ ରହିବେ। କରୋନା ସଂକ୍ରମିତ ବା ଲକ୍ଷଣ ଥିବା ଲୋକଙ୍କୁ ଉକ୍ତ ଖମାର କେନ୍ଦ୍ରରେ ରଖାଯିବ ବୋଲି ବିଡିଓ ସୁରଞ୍ଜନ କୁମାର ସାହୁ କହିଛନ୍ତି।

## ଏସ୍‌ଏଚ୍‌ଜିଙ୍କୁ ପ୍ଲାଷ୍ଟିକ ଟ୍ରେ ବଣ୍ଟନ

**ଦୁମୁଡିବନ୍ଧ,୧୨।୪(ଡି.ଏନ.ଏ):** ଦୁମୁଡିବନ୍ଧ ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ସୋମବାର ସ୍ୱୟଂ ସହାୟିକା ଗୋଷ୍ଠୀକୁ କୋଭିଡ-୧୯ ପ୍ୟାକେଜରେ ପ୍ଲାଷ୍ଟିକ ଟ୍ରେ ବଣ୍ଟନ କରାଯାଇଛି । ବ୍ଲକକୁ ୧୦୪୦ଟି ପ୍ଲାଷ୍ଟିକ ଟ୍ରେ ମଞ୍ଜୁର କରାଯାଇଛି । ମୋଟ ୨୬୦ ଏସ୍‌ଏଚ୍‌ଜିଙ୍କୁ ୪ଟି ଲେଖାଏ ଟ୍ରେ ଦିଆଯାଇଛି । ମହିଳାମାନେ ମୋ ଉପକାରୀ ବଗିଚାର ପନିପରିବା ରଖିବା ଲାଗି ଏହା ବ୍ୟବହାର କରିବେ । ସମସ୍ତ ପଞ୍ଚାୟତରେ ଏସ୍‌ଏଚ୍‌ଜିଙ୍କୁ ଏହା ପ୍ରଦାନ କରାଯାଇଥିବା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବାଶିଷ ମଲ୍ଲିକ ପ୍ରକାଶ କରିଛନ୍ତି। ଉଦ୍ୟାନ ଅଧିଦର୍ଶକ ଚକ୍ରଧର ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଶୀବେହେରା ସାହିରେ ୧୪୪ ଧାରା



ଜଣେ ଶ୍ରଦ୍ଧାଳୁ ଶିଶୁଙ୍କୁ ମାନସିକ ବେଶ କରାଇ ମା'ଙ୍କ ଦର୍ଶନ କରିବା ପାଇଁ ଅପେକ୍ଷା କରିଛନ୍ତି।



ଧର୍ମ ଝଣ୍ଡା।

**ବ୍ରହ୍ମପୁର ଅଫିସ୍,୧୨।୪**

### ଆଜି ସ୍ଥାପନ ହେବ ଧର୍ମଝଣ୍ଡା

ବ୍ରହ୍ମପୁର ବୁଢୀ ଠାକୁରାଣୀ ଯାତ୍ରା ସୋମବାର ଚତୁର୍ଥ ଦିନରେ ପହଞ୍ଚିଛି। ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜାରେ ନିୟୋଜିତ ପୂଜକଙ୍କ ମଧ୍ୟରୁ ୨ ଜଣ କରୋନା ସଂକ୍ରମିତ ହୋଇଥିବା ସୋମବାର ଜଣାପଡ଼ିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଦେଶୀବେହେରା ସାହିରେ ରାତିରୁ ୧୪୪ ଧାରା ଜାରି କରାଯାଇଛି। ଅସ୍ଥାୟୀ ପୀଠରେ ମା'ଙ୍କ ଦର୍ଶନକୁ ବନ୍ଦ କରାଯାଇଛି। କେବଳ ବିଧି ଅନୁଯାୟୀ ମା'ଙ୍କ ପୂଜା କରାଯିବ ବୋଲି ସୂଚନା ମିଳିଛି। ମଙ୍ଗଳବାର ଦେଶୀବେହେରା ସାହିସ୍ଥିତ ଅସ୍ଥାୟୀ ମଣ୍ଡପଠାରେ ଧର୍ମ ଝଣ୍ଡା(ଆକାଶ ପତାକା) ସ୍ଥାପନ ହେବ। ମା' ବୁଢୀ ଠାକୁରାଣୀଙ୍କ ଯାତ୍ରାର ମଙ୍ଗଳବାର ୫ମ ଦିବସରେ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ସ୍ଥାପନ ହେବ ପାରମ୍ପରିକ ଧର୍ମ ଝଣ୍ଡା। ଏହାର ବିଶେଷତ୍ୱ ହେଉଛି ଯାତ୍ରା ସ୍ଥଳକୁ ଆସୁଥିବା ଲୋକଙ୍କ ଗତି ବିଧି, ଧର୍ମ ଅଧର୍ମ ଓ ନୀତି କାନ୍ତି କାର୍ଯ୍ୟ ଉପରେ ନଜର ରଖିବା। ତେଲୁଗୁ ପୁରୋହିତ(ସିଦ୍ଧାନ୍ତି)ଙ୍କ ବେଳା ଲଗ୍ନ ଅନୁସାରେ ଧର୍ମ ଝଣ୍ଡାକୁ ପୂଜାର୍ଚ୍ଚନା କରାଯାଇ ସ୍ଥାପନ ହେବ। ବାପ ଘରେ ମା'ଙ୍କୁ ଦର୍ଶନ କରିବାକୁ ଆସୁଥିବା ମହିଳାମାନେ ସେଠାରେ ପୂଜାର୍ଚ୍ଚାନ କରିବାର ବିଧି ରହିଛି। ସୋମବାର ମା'ଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ବହୁ ମାନସିକ ବେଶଧାରୀ ମଧ୍ୟ ମା'ଙ୍କ ଦର୍ଶନ ନିମନ୍ତେ ଆସିଥିଲେ।



ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଘଟ ପୂଜା।

## ଠାକୁରାଣୀ ଯାତ୍ରାରେ ସୁଷମାଙ୍କ ଚୁଡ଼ି

ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରତି ଠାକୁରାଣୀ ଯାତ୍ରା ସମୟରେ ବ୍ୟବସାୟ ଆଶାରେ ଚୁଡ଼ି ତଥା ମହିଳାଙ୍କ ପ୍ରସାଧାନ ସାମଗ୍ରୀ ବିକ୍ରି କରନ୍ତି ସୁଷମା ସେନାପତି। ଘର ବ୍ରହ୍ମପୁର ଠାକୁରାଣୀ ମନ୍ଦିରସାହି। ଅନ୍ୟ ଦିନରେ ଠାକୁରାଣୀ ମନ୍ଦିର ପାର୍ଶ୍ୱରେ ନଚେତ ଆଖାପାଖ ଅଞ୍ଚଳରେ ବସୁଥିବା ହାଟରେ ନିଜର ଚୁଡ଼ି ବ୍ୟବସାୟ କରି ସେ ରୋଜଗାର କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଭୋର ୫ ଟାରୁ ରାତ୍ର ୯ ଟା ଯାଏ ସେ ଯାତ୍ରାରେ ବ୍ୟବସାୟ କରିବା ନିମନ୍ତେ ଆସୁଛନ୍ତି। ତାଙ୍କ ନିକଟରେ ମହିଳାଙ୍କ ରୁଚି ଅନୁସାରେ ପ୍ଲେନଚୁଡ଼ି, ପାଣିଚୁଡ଼ି ଓ ଶଙ୍ଖା ଆଦି ବିଭିନ୍ନ ରଙ୍ଗ ଓ କିସମର ରହିଛି। ବ୍ରହ୍ମପୁର ବଡ଼ ବଜାରରୁ ହୋଲ୍‌ସେଲ ଦରରେ ସାମଗ୍ରୀ ଆଣି ବ୍ୟବସାୟ କରନ୍ତି। ବର୍ତ୍ତମାନ ସୁରକ୍ଷା ଓ ସଚେତନକୁ ମଧ୍ୟ ଦୃଷ୍ଟି ଦେବାକୁ ପଡୁଛି। ପାଖରେ ସାନିଟାଇଜର ରଖି ମୁହଁରେ ମାସ୍କ ବାନ୍ଧି ସେ ବ୍ୟବସାୟ କରୁଛନ୍ତି। ସୁଷମା କୁହନ୍ତି, ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ କରୋନା କଟକଣା ଯୋଗୁ ଦିନ ତମାମ ଲୋକଙ୍କ ଦର୍ଶନ ବନ୍ଦ ରହୁଥିବାରୁ ବ୍ୟବସାୟ କିଛିଟା କମ୍ ହେଉଛି।

## ୯.୨୦ କୁଇଣ୍ଟାଲ ଗଞ୍ଜେଇ ଜବତ: ୮ ଗିରଫ

**ବ୍ରହ୍ମପୁର ଅଫିସ,୧୨।୪**

- ଉତ୍ତରପ୍ରଦେଶ ଚାଲାଣ ହେଉଥିଲା
- ଟ୍ରକ୍, ପିକ୍‌ଅପ୍ ଭ୍ୟାନ ଜବତ



ଗିରଫ ଅଭିଯୁକ୍ତ

ଗଜପତି ଓ ମାଲକାନଗିରି ଜିଲାରୁ ଗଞ୍ଜେଇ ଏକ ଟ୍ରକ୍ ଓ ପିକ୍‌ଅପ୍ ଗାଡ଼ିରେ ଆଣି ଜାତୀୟ ରାଜପଥ ଦେଇ ଉତ୍ତରପ୍ରଦେଶ ଚାଲାଣ ହେବା ପୂର୍ବରୁ ଅବକାରୀ ଗୋଇନ୍ଦା ବିଭାଗ ହାତରେ ଧରାପଡ଼ିଛନ୍ତି ୮ ଗଞ୍ଜେଇ ଚାଲାଣକାରୀ। ଅବକାରୀ ଗୋଇନ୍ଦା ବିଭାଗର ସ୍ୱତନ୍ତ୍ର ଟିମ୍ ସୋମବାର ସକାଳୁ ଜଗନ୍ନାଥପୁର ନିକଟ ପୁକୁଡିବନ୍ଧ ଛକରେ ବ୍ଲକିଂ କରି ୮ ଚାଲାଣକାରୀଙ୍କୁ ଧରିଥିବା ବେଳେ ସେମାନଙ୍କ ନିକଟରୁ ମୋଟ ୯୨୦ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ ଉତ୍ତରପ୍ରଦେଶ ସଲିମପୁର ଥାନା ଅନ୍ତର୍ଗତ ନସିରପୁର ଗାଁର କ୍ରିଷ୍ଣାପାଲ ସିଂ, ଉତ୍ତର ପ୍ରଦେଶ ନୋଇଡା ସେକ୍ଟର -୨୦ର ଚିଭାସ ହଲଦାର, ବାଲେଶ୍ୱରର ମନୋଜ କୁମାର ପାତ୍ର, ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁରର ସୁଶାନ୍ତ ପଣ୍ଡା, ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ପରମଙ୍ଗା ଗାଁର ରବି ମଲ୍ଲିକ, ନୂତନ ମଲ୍ଲିକ, ବିହାର ହୀରମା ଥାନା ଅନ୍ତର୍ଗତ ହୀରଥ ଗାଁର ରାମ ଲଖାନ ସାହୁ ଓ ବିକାଶ ସାହୁ। ଏହି ଗଞ୍ଜେଇ ଗଜପତି ଓ ମାଲକାନଗିରିରୁ ଏକ ଟ୍ରକ୍ (ନଂ ୟୁପି ୧୪ ଜିଟି ୯୯୧୩) ଓ ପିକ୍‌ଅପ୍(ନଂ ଡବ୍ଲୁବି ୩୯ବି ୧୮୬୯)ରେ ଅଣାଯାଇଥିଲା। ଉକ୍ତ ଗଞ୍ଜେଇ ଜାତୀୟ ରାଜପଥ ଦେଇ ଭୁବନେଶ୍ୱରରେ ପହଞ୍ଚିଥାନ୍ତା। ପରେ ସେଠାରୁ ଟ୍ରକ୍‌ରେ ଥିବା ୬୯୦ କେଜି ଗଞ୍ଜେଇ ଉତ୍ତର ପ୍ରଦେଶ ଓ ପିକ୍‌ଅପ୍‌ରେ ଥିବା ୨୩୦ କେଜି ଗଞ୍ଜେଇ ପଶ୍ଚିମବଙ୍ଗ ଚାଲାଣ କରାଯାଇଥାନ୍ତା ବୋଲି ତଦନ୍ତ ବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଛି। ଏନେଇ ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି।

## ୬ ବ୍ଲକରେ ଜିଲାପାଳଙ୍କ ସମୀକ୍ଷା

**ଭଞ୍ଜନଗର,୧୨।୪(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡର ୬ଟି ବ୍ଲକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଧରାକୋଟ, ବେଲଗୁଣ୍ଠା, ବୁଗୁଡ଼ା, ସୋରଡ଼ା, ଜଗନ୍ନାଥପ୍ରସାଦ, ଭଞ୍ଜନଗର ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲାପାଳ ସୋରଡ଼ା, ଧରାକୋଟ ବ୍ଲକରେ ସମୀକ୍ଷା ସାରି ଭଞ୍ଜନଗରକୁ ଆସିଥିଲେ। ସ୍ଥାନୀୟ ବନ ବିଭାଗ ଡାକ ବଙ୍ଗଳା ପରିସରରେ ଭଞ୍ଜନଗର ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ କୋଭିଡ୍ ନିୟମ କଡ଼ାକଡ଼ି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଅନ୍ୟ ବ୍ଲକକୁ ଯାଇ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ଅପହରଣକାରୀ ଯୁବକ ଜେଲ ଗଲେ

### ଯୁକ୍ତ ୨ ଛାତ୍ରୀଙ୍କୁ ବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ,୧୨।୪**

ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ଅପହର୍ତ୍ତାଙ୍କୁ ଗିରଫ କରିଛି। ଅପହୃତା ଛାତ୍ରୀଙ୍କୁ ପୁରୀରୁ ଉଦ୍ଧାର କରିଛି। ଅଭିଯୁକ୍ତ ଜଣଙ୍କ ବୋଇରାଣୀର ପପୁ ନାୟକ। ସୋମବାର ଉଭୟଙ୍କର ଏମ୍‌କେସିଜି ମେଡିକାଲ ଏଫଏମ୍‌ଟି ବିଭାଗରେ ଡାକ୍ତରୀମାଇନା କରାଯାଇଛି। ସେହିପରି ପୀଡ଼ିତାଙ୍କ କୋର୍ଟରେ ବୟାନ ରେକର୍ଡ ମଧ କରାଯାଇଛି। ମାମଲା ନମ୍ବର ୬୦/୨୧ ରେ ଅଭିଯୁକ୍ତ ପପୁଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ଫେସ୍‌ବୁକ ଜରିଆରେ ପପୁ ବ୍ରହ୍ମପୁରରେ ରହୁଥିବା ଜଣେ ଛାତ୍ରୀଙ୍କ ସହ ପ୍ରେମସମ୍ପର୍କ ଆରମ୍ଭ କରିଥିଲେ। ପରେ ଗତ ମାର୍ଚ୍ଚ ୩୧ରେ ଛାତ୍ରୀଜଣଙ୍କ କଲେଜ ଯାଇଥିବା ବେଳେ ପପୁ ଛାତ୍ରୀଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା କରିଥିଲା। ଯୋଜନା ଅନୁଯାୟୀ ସେଠାରୁ ଛାତ୍ରୀଙ୍କୁ ଅପହରଣ କରି ପୁରୀ ନେଇଯାଇଥିଲେ। ଛାତ୍ରୀ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ତାଙ୍କୁ ନ ପାଇ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ପପୁ ପୁରୀରେ ଏକ ଘର ଭଡା ନେଇ ଛାତ୍ରୀଙ୍କୁ ରଖିଥିବା ନେଇ ପୋଲିସ ମୋବାଇଲ ଟ୍ରାକିଂରେ ଜାଣିବାକୁ ପାଇଥିଲା।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପିଡି

**ବୁଗୁଡ଼ା,୧୨।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ସୋମବାର ବୁଗୁଡ଼ା ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିବା ସହ କାର୍ଯ୍ୟାଦେଶ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସମୀକ୍ଷା ବୈଠକରେ ବିଡିଓ ତନ୍ମୟ ପାତ୍ରଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ପରେ ସେ ବୁଗୁଡ଼ାର ଐତିହାସିକ ଶୈବପୀଠ ବୁଦ୍ଧଖୋଲ ପରିଦର୍ଶନ କରି ବୁଦ୍ଧଖୋଲ ୱାଚ୍ ଟାୱାର, ଆଇ ଲଭ ବୁଦ୍ଧଖୋଲ ପାର୍କ, ବୁଦ୍ଧଖୋଲ ପାଦଦେଶରେ ଥିବା ମହାବନ୍ଧର ଉନ୍ନତୀକରଣ, ଝରଣା ଆଦି ଦେଖିଥିଲେ। ଏଥିସହ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସିଦ୍ଧଗୁମ୍ଫା ରାସ୍ତାର ପ୍ରଶସ୍ତୀକରଣ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମଞ୍ଜୁର କରିବା ଲାଗି ସହମତି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, କୋଷାଧକ୍ଷ କେ. ତ୍ରିଲୋଚନ ଦୋରାଙ୍କ ସମେତ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ବାଲିପଦର ଗସ୍ତରେ ଯାଇ ଏମ୍‌ସିସି ପ୍ରକଳ୍ପ ବୁଲି ଦେଖିଥିଲେ। ପରିଦର୍ଶନ ସମୟରେ ବିଡିଓ ତନ୍ମୟ ପାତ୍ର, ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼, ରବୀନ୍ଦ୍ର କୁମାର ପଣ୍ଡା, ବିଭୁଦତ୍ତ ମିଶ୍ର, ସୁକାନ୍ତ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ବୃନ୍ଦାବନଙ୍କ ବିୟୋଗରେ ଶୋକସଭା

**ରମ୍ଭା,୧୨।୪**

ରମ୍ଭା ସିପିଆଇ କାର୍ଯ୍ୟାଳୟ ପରିସରରେ ଦିବଙ୍ଗତ ନେତା ବୃନ୍ଦାବନ ପଲାଇଙ୍କ ଅକାଳ ବିୟୋଗରେ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱର୍ଗୀୟ ନେତାଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବରିଷ୍ଠ ତଥା ଜୈଷ୍ଟ କ୍ଷେତ୍ରବାସି ନାୟକ, ଯୁବ ସଙ୍ଗଠକ ଜେ.ଭାସ୍କର ପାତ୍ର, ଗୋପାଳ, ଦଣ୍ଡପାଣି, ବିଶ୍ୱନାଥ ପାତ୍ରଙ୍କ ସମେତ ଅନେକ ଦଳୀୟ କର୍ମୀ, ନେତା ସାମିଲ ଥିଲେ।

## ପିଡିଏସ୍ ଚାଉଳ ଲୁଟିଲେ ଦୁର୍ବୃତ୍ତ

**ଚିକିଟି,୧୨।୪(ଡି.ଏନ.ଏ.)**

ଚିକିଟି ବ୍ଲକ ଅନ୍ତର୍ଗତ ଚାନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟଠାରୁ ୨ ଶହ ମିଟର ଦୂର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହରୁ ରବିବାର ବିଳମ୍ବିତ ରାତିରେ ପିଡିଏସ୍ ଚାଉଳ ଲୁଟ୍ ହୋଇଛି। କେତେଜଣ ଦୁର୍ବୃତ୍ତ ୩୦ କେଜି ଚାଉଳ, ପାଣିମୋଟର ଓ ଓଜନ ମେଶିନ ଚୋରି ହୋଇଥିବା ନୂଆପଡ଼ା ଫାଣ୍ଡିରେ ସୋମବାର ଅଭିଯୋଗ ହୋଇଛି। ନୂଆପଡା ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ କରିଛନ୍ତି। ଚାନ୍ଦପୁର ପଞ୍ଚାୟତର ରାଶନ କାର୍ଡ ହିତାଧିକାରୀମାନଙ୍କୁ ବଣ୍ଟନ ପାଇଁ ପ୍ରତି ମାସ ଭଳି ଚଳିତମାସ ମଧ ଚାଉଳ ଓ ଅନ୍ୟ ଜିନିଷ ଆସି ଉକ୍ତ ଗୃହରେ ରଖାଯାଇଥିଲା। ରବିବାର କେତେଜଣ ହିତାଧିକାରୀଙ୍କୁ ସାମଗ୍ରୀ ବାଣ୍ଟିବା ପରେ ବିତରକ ଉକ୍ତ ଗୃହକୁ ତାଲା ପକାଇ ଫେରିଆସିଥିଲେ। ରବିବାର ସେ ପୁଣି ସାମଗ୍ରୀ ବାଣ୍ଟିବା ପାଇଁ ଯିବାବେଳେ ଉକ୍ତ ଗୃହର ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## ୧୦ରୁ ଉର୍ଦ୍ଧ୍ୱ ପରିବାର ବାସନ୍ଦ ଅଭିଯୋଗ

### ଦିଆଗଲାନି ଶୁଦ୍ଧିକ୍ରିୟା ଭୋଜି

**ଦିଗପହଣ୍ଡି, ୧୨।୪ (ଡି.ଏନ.ଏ.)**

ଶୁଦ୍ଧିକ୍ରିୟ ଭୋଜି ନ ଦେବାରୁ ଦିଗପହଣ୍ଡି ବ୍ଲକ କଇଠଡାର ୧୦ରୁ ଉର୍ଦ୍ଧ୍ୱ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ନେଇ ସେହି ଗ୍ରାମର ସହଦେବ ରେଡ୍ଡୀ ସୋମବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଜାତି ତଥା କୁଳ ଲୋକଙ୍କୁ ଶୁଦ୍ଧିକ୍ରିୟା ଭୋଜି ଦେଇ ନପାରିବାରୁ ପ୍ରଥମେ ସହଦେବଙ୍କ ପରିବାରକୁ କୁଳ ସଭାର ବଡ଼ପଣ୍ଡାମାନେ ଫତୱା ଜାରି କରି ସାମାଜିକ ବାସନ୍ଦ ରଖିଥିଲେ।

ସହଦେବଙ୍କ ୫ ଭାଇ। ସେମାନଙ୍କ ମଧ୍ୟରେ ପୈତୃକ ସମ୍ପତ୍ତି ବଣ୍ଟନକୁ ନେଇ ପୂର୍ବରୁ ବାଦବିବାଦ ଥିବା ଯୋଗୁ ସହଦେବ ତାଙ୍କ ପରିବାର ସହ ଏକାକୀ ରହୁଥିଲେ। ତାଙ୍କ ମା'ଙ୍କ ପରଲୋକ ପରେ ଗତ ନଭେମ୍ବର ୧୯ରେ ସେ ଗାଁରେ ଶୁଦ୍ଧିକ୍ରିୟା ଭୋଜି କରିଥିଲେ। କୋଭିଡ କଟକଣା ଯୋଗୁ ସେ ଅଳ୍ପ ଲୋକଙ୍କୁ ଡାକି ସୁଦ୍ଧି କ୍ରିୟା ସାରିଥିଲେ। ଏହି କାର୍ଯ୍ୟରେ ସମସ୍ତ ଜାତି ଭାଇ ଏବଂ ନିଜ ପରିବାରର ଅନ୍ୟ ଭାଇମାନଙ୍କୁ ଭୋଜି ନ ଦେଇଥିବାରୁ ଗତ ଡିସେମ୍ବର ୨ ତାରିଖରେ ସହଦେବଙ୍କୁ କୁଳ ସଭା ପକ୍ଷରୁ ନିଆଁ ପାଣି ମନା କରାଯାଇଥିଲା। ସହଦେବଙ୍କୁ ସହଯୋଗ କରୁଥିବା ଗାଁର ଅନ୍ୟ ୧୦ ପରିବାରଙ୍କୁ ମଧ ବାସନ୍ଦ କରାଯାଇଛି। ଏ ନେଇ ଚିକିଟି ଏସ୍‌ଡିପି ଓ ସୁରେନ୍ଦ୍ର ନାଥ ମୁର୍ମୁ ଉଭୟ ପକ୍ଷରଙ୍କୁ ଥାନାକୁ ଡକାଇ ଆଲୋଚନା କରିଥିଲେ। ଉଭୟପକ୍ଷଙ୍କ ସହମତିରେ ସମାଧାନର ପନ୍ଥା ବାହାର କରିବା ପାଇଁ ପୂର୍ବରୁ ୫ ଦିନ ସମୟ ଦିଆଯାଇଥିଲା। କିନ୍ତୁ ଉଭୟପକ୍ଷ ଥାନାରୁ ଗାଁ କୁ ଗଲା ପରେ ପୁଣି ଅଶାନ୍ତି ବାତାବରଣ ସୃଷ୍ଟି ହୋଇଥିବା ପୋଲଇସ କହିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିବା ସୂଚନା ମିଳିଛି।

## କୁମ୍ଭମେଳାକୁ ନ ଯିବାକୁ ସଚେତନତା

**ହିଞ୍ଜିଳିକାଟୁ,୧୨।୪(ଡି.ଏନ୍.ଏ)**

କରୋନା ସଂକ୍ରମଣ ଆଶଙ୍କାରୁ ହରିଦ୍ୱାରରେ ଚାଲିଥିବା କୁମ୍ଭମେଳାକୁ ନ ଯିବାକୁ ଗାୟତ୍ରୀ ପରିବାର ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସଚେତନ କରାଯାଇଛି। କୁମ୍ଭମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଭୟାବହ ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ହରିଦ୍ୱାରା ପବିତ୍ର ଜଳକୁ ବିଭିନ୍ନ ଗ୍ରାମରେ ଗାୟତ୍ରୀ ପରିବାର ପକ୍ଷରୁ ଆପନା ଦ୍ୱାର ହରିଦ୍ୱାର କାର୍ଯ୍ୟକ୍ରମ ମାଧ୍ୟମରେ ପହଞ୍ଚାଯିବା ଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଗାୟତ୍ରୀ ପରିବାର ହିଞ୍ଜିଳିକାଟୁର ମୁଖ୍ୟ ଡ. ବୃନ୍ଦାବନ ମିଶ୍ର କହିଛନ୍ତି। ହିଞ୍ଜିଳିକାଟୁ ଗାୟତ୍ରୀ ଶାଖା ପକ୍ଷରୁ ନନ୍ଦିକ, ଆଲପୁର, କୋଳିଦାସପୁର, ବାଳକୃଷ୍ଣପୁର, ହରିପୁର ଓ ଗିରିଆ ପ୍ରଭୃତି ଗ୍ରାମରେ କୁମ୍ଭମେଳା ପବିତ୍ର ଜଳ ସ୍ଥାପନ କରାଯାଇଛି। ଗାୟତ୍ରୀ ଶକ୍ତି ପୀଠର ଅଶୋକ ମହାନ୍ତି, ଶିବରାମ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଛନ୍ତି।

## ବେଳାଭୂମିରେ ପ୍ରବଳ ଭିଡ଼



ଗୋପାଳପୁର ବେଳାଭୂମିରେ ଲୋକେ ବିନା ମାସ୍କରେ ଭିଡ଼ ଜମାଇଛନ୍ତି।

**ଗୋପାଳପୁର,୧୨।୪**

ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ନେଇ ପ୍ରଶାସନ ପକ୍ଷରୁ ବୈଠକରେ ବିଭିନ୍ନ ପଦକ୍ଷେପ ସହ ନିୟମ ଜାରି ହୋଇଛି। ତେବେ ଜନସାଧାରଣ ସେହି ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଭିଡ଼ ନିୟନ୍ତ୍ରଣ ନିମନ୍ତେ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଶନିବାର ଓ ରବିବାର ଗୋପାଳପୁର ଓ ସୋନପୁର ବେଳାଭୂମି ବନ୍ଦ ରହିଥିଲା। ଅନ୍ୟପଟେ ସୋମବାର ଗୋପାଳପୁର ବେଳାଭୂମିରେ ବହୁ ଭିଡ ହୋଇଥିବା ବେଳେ କୋଭିଡ ନିୟମ ଉଲ୍ଲଂଘନ ହେବାର ଦେଖିବାକୁ ମିଳିଥିଲା। ନା କାହା ମୁହଁରେ ମାସ୍କ ଥିଲା ନା ସାମାଜିକ ଦୂରତା। ଭିଡକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଭିଡ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଗଞ୍ଜାମରେ କରୋନା ସ୍ଥିତି ପୂର୍ବାବସ୍ଥାକୁ ଫେରିବାର ସମ୍ଭାବନା ରହିଛି।

